ଭାରତ ସଂଘ

ବନାମ

ମୋହନ ସିଂ ଏବଂ ଅନ୍ୟମାନେ

ସେପ୍ଟେମ୍ବର 9, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସ୍ୱାଧୀନତା ସଂଗ୍ରାମୀ ପେନସନ୍ ଯୋଜନା ।*

*ପେନସନ୍ ପାଇଁ ଦାବି – ଏହାର ସମର୍ଥନରେ ପ୍ରାଥମିକ ସାକ୍ଷ୍ୟ – ଜଣେ ବିଧାୟକ ଏବଂ ଜଣେ ସାଥି-କଏଦୀଙ୍କ ପ୍ରମାଣପତ୍ର ଯେ, ଦାବିଦାରମାନେ ଛ ମାସର କାରାବାସ ଭୋଗିଛନ୍ତି – ସରକାର ଦ୍ୱାରା ବିଚାର କରାଯାଇଥିଲା – ଜଣାପଡ଼ିଲା ଯେ, ଦାବିଦାରମାନେ ସ୍ୱାଧୀନତା ସଂଗ୍ରାମୀ ନଥିଲେ – ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଦାବିଦାରମାନଙ୍କ ଦ୍ୱାରା ଉପସ୍ଥାପିତ ସାକ୍ଷ୍ୟକୁ ଦୃଷ୍ଟିରେ ରଖି ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଘୋଷଣା କରିବା ଉଚିତ – ଅପିଲରେ ଏହା ଦର୍ଶାଯାଇଥିଲେ ଯେ, ସରକାର ଦସ୍ତାବିଜଗୁଡ଼ିକ ବିଚାର କରିସାରିଥିଲେ ଏବଂ ଏହି ଉପସଂହାରରେ ଉପନୀତ ହୋଇଥିଲେ ଯେ, ଏହି ଦସ୍ତାବିଜଗୁଡ଼ିକ ପର୍ଯ୍ୟାପ୍ତ ନଥିଲା ଏହା ପ୍ରମାଣ କରିବା ପାଇଁ ଯେ, ଉତ୍ତରଦାତାମାନେ କାରାବାସ ଭୋଗିଥିଲେ – ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟ ସାକ୍ଷ୍ୟର ତର୍ଜମା, ଯାହା ସରକାରଙ୍କ କାର୍ଯ୍ୟ ଅଟେ, ସେଥିରେ ସମ୍ପୃକ୍ତ ହେବା ଉଚିତ ନୁହେଁ ।*

*ମୁକୁନ୍ଦ ଲାଲ ଭଣ୍ଡାରି ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1993] Supp. 3 SCC 2, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12314/1996 ।

ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ସି. ଡବ୍ଲ୍ୟୁ. ପି ସଂଖ୍ୟା 3790/1994ର 1.6.1995 ତାରିଖର ରାୟ ଏବଂ ଆଦେଶରୁ

ଅପିଲକାରୀଙ୍କ ପାଇଁ ଏନ୍. ଏନ୍. ଗୋସ୍ୱାମୀ, ହେମନ୍ତ ଶର୍ମା ଏବଂ ପି. ପରମେଶ୍ୱରନ

ଉତ୍ତରଦାତାମାନଙ୍କ ପାଇଁ ଏମ୍. ପି. ଝା, ସଂଜୀବ ୱାଲିଆ, ଏ. କେ. ଚୋପ୍ରା, ଅନିଲ ମିତ୍ତଲ ଏବଂ ମନୋଜ ସ୍ୱରୂପ ।

ନ୍ୟାୟାଳୟର ନିମ୍ନଲିଖିତ ରାୟ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର ହୋଇଛି ।

ଆମେ ଉଭୟ ପକ୍ଷଙ୍କ ତରଫରୁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ 1 ଜୁନ୍, 1995 ତାରିଖରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦେୱାନୀ ରିଟ୍ ଆବେଦନ ସଂଖ୍ୟା 3790/1994 ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୋଇଛି । ପ୍ରଥମ ଉତ୍ତରଦାତା, ଜଣେ ସ୍ୱାଧୀନତା ସଂଗ୍ରାମୀ ବୋଲି ଦାବି କରି, ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାଧୀନତା ସଂଗ୍ରାମୀଙ୍କ ପେନସନ୍ ଯୋଜନା ଅଧୀନରେ ପେନସନ୍ ପାଇଁ 1 ଅଗଷ୍ଟ, 1972 ରେ ଏକ ଆବେଦନ କରିଥିଲେ । ଛଅ ମାସ ଧରି ତାଙ୍କ କାରାବାସକୁ ସମର୍ଥନ କରୁଥିବା ପ୍ରାଥମିକ ସାକ୍ଷ୍ୟ ଜଣେ ବିଧାୟକ ଏବଂ ସାଥି-କଏଦୀଙ୍କ ପ୍ରମାଣପତ୍ର ଉପରେ ଆଧାରିତ । ପୂର୍ବରୁ ଏକ ରିଟ୍ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅପିଲକାରୀ ସରକାର ସେହି ପ୍ରମାଣପତ୍ରକୁ ବିଚାର କରିଥିଲେ, ଏବଂ ଏହା ଦେଖିବାକୁ ମିଳିଲା ଯେ, ଉତ୍ତରଦାତା ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହଁନ୍ତି ଏବଂ ତେଣୁ ସ୍ୱାଧୀନତା ସଂଗ୍ରାମୀଙ୍କ ପେନସନ୍ ଯୋଜନା ଅଧୀନରେ ପେନସନ୍ ପାଇବାକୁ ହକଦାର ନୁହଁନ୍ତି । ଉତ୍ତରଦାତାମାନେ ବର୍ତ୍ତମାନର ରିଟ୍ ଆବେଦନରେ ଏହି ନିଷ୍କର୍ଷକୁ ପୁନର୍ବାର ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶରେ ଦର୍ଶାଇଥିଲେ ଯେ, ଉତ୍ତରଦାତାମାନଙ୍କ ଦ୍ୱାରା ଉପସ୍ଥାପିତ ସାକ୍ଷ୍ୟକୁ ଦୃଷ୍ଟିରେ ରଖି ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ଘୋଷଣା କରାଯିବା ଆବଶ୍ୟକ । ତଦନୁସାରେ, ରିଟ୍ ଆବେଦନକୁ ଅନୁମତି ଦିଆଯାଇଛି । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

*ମୁକୁନ୍ଦ ଲାଲ ଭଣ୍ଡାରି ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ*, (1993] Supp. 3 SCC 2 (ଅନୁଚ୍ଛେଦ 6) ମାମଲାରେ ଏହି ନ୍ୟାୟାଳୟ ପ୍ରମାଣର ପର୍ଯ୍ୟାପ୍ତତା ସମ୍ବନ୍ଧରେ ଦର୍ଶାଇଥିଲେ ଯେ, ଯୋଜନା ଏହା ନିଜେ ସେହି ଦସ୍ତାବିଜଗୁଡ଼ିକ ଉଲ୍ଲେଖ କରେ ଯାହା ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବା ଆବଶ୍ୟକ । ଆବେଦନକାରୀଙ୍କ ଅନୁଯାୟୀ ସେମାନେ ସେମାନଙ୍କ ଦାବିର ସମର୍ଥନରେ ଉପସ୍ଥାପନ କରିଥିବା ଦସ୍ତାବିଜଗୁଡ଼ିକୁ ସମୀକ୍ଷା କରିବା ଏବଂ ସେଗୁଡ଼ିକର ସତ୍ୟତା ଉପରେ ଘୋଷଣା କରିବା ଏହି ନ୍ୟାୟାଳୟ ପାଇଁ ସମ୍ଭବ ନୁହେଁ । ଏହା କରିବା ସରକାରଙ୍କ କର୍ତ୍ତବ୍ୟ ଅଟେ । ତେଣୁ ଆମେ ସେହି ଅନୁଯାୟୀ ନିର୍ଦ୍ଦେଶ ଦେବୁ ।

ଏହା ଦେଖିବାକୁ ମିଳିଛି ଯେ, ଉଚ୍ଚ ନ୍ୟାୟାଳୟ ପୂର୍ବବର୍ତ୍ତୀ ରିଟ୍ ଆବେଦନରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହାର ଅନୁପାଳନ କରି ଭାରତ ସରକାର ଉତ୍ତରଦାତାମାନଙ୍କ ଦ୍ୱାରା ନିର୍ଭର କରାଯାଇଥିବା ଦସ୍ତାବିଜଗୁଡ଼ିକୁ ବିଚାର କରିଥିଲେ ଏବଂ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ, ବାସ୍ତବରେ, ଏହି ଦସ୍ତାବିଜଗୁଡ଼ିକ ଉତ୍ତରଦାତାମାନେ କାରାବାସ ଭୋଗିଥିଲେ ବୋଲି ସିଦ୍ଧାନ୍ତ ନେବା ପାଇଁ ଯଥେଷ୍ଟ ନୁହେଁ । ଉଚ୍ଚ ନ୍ୟାୟାଳୟ, ସାକ୍ଷ୍ୟର ତର୍ଜମା ପରେ, ଏହା ଯଥେଷ୍ଟ ବୋଲି ଜାଣିବାକୁ ପାଇଲେ, ଯାହା ଉଚ୍ଚ ନ୍ୟାୟାଳୟ ଆରୋହଣ କରିପାରିବେ ନାହିଁ ।

ଏହି ଅପିଲକୁ ତଦନୁସାରେ ଅନୁମତି ଦିଆଗଲା ଏବଂ ଉଚ୍ଚ ନ୍ୟାୟାଳୟର ଆଦେଶକୁ ରଦ୍ଦ କରାଗଲା । ପରିସ୍ଥିତି ଅଧୀନରେ ବିନା ଖର୍ଚ୍ଚରେ ରିଟ୍ ଆବେଦନ ଖାରଜ କରାଗଲା ।

ଜି. ଏନ୍. ଅପିଲକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ